ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/CEO(Od)/314/07-03-2024**

## ସାଧାରଣ ନିର୍ବାଚନ-୨୦୨୪ରେ ଭିନ୍ନକ୍ଷମ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ଭୁବନେଶ୍ୱର,୦୭/୦୩/୨୦୨୪:

ଦେଶରେ ଆସନ୍ତା ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ପ୍ରକ୍ରିୟାରେ ଭିନ୍ନକ୍ଷମ ଓ ବରିଷ୍ଠ (୮୫ ବର୍ଷରୁ ଊର୍ଦ୍ଧ୍ୱ) ଭୋଟରଙ୍କ ମତଦାନ ବଢାଇବା ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ସେହି ସଂକ୍ରାନ୍ତରେ ଆଜି ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଅଭାସୀ ବୈଠକ ମାଧମରେ ସମସ୍ତ ରାଜ୍ୟର ପ୍ରସ୍ତୁତି ବିଷୟରେ ସମୀକ୍ଷା କରାଯାଇଥିଲା । ଏଥିରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଓଡ଼ିଶାରେ ଭିନ୍ନକ୍ଷମ ଭୋଟରଙ୍କ ପାଇଁ ମତଦାନ ପ୍ରକ୍ରିୟାକୁ ସୁବିଧାସମ୍ପନ୍ନ କରିବା ପାଇଁ  ଯାହା ସବୁ ଅନୁଷଙ୍ଗିକ ବ୍ୟବସ୍ଥା କରାଯାଇଅଛି ସେ ବିଷୟରେ ଭାରତୀୟ ନିର୍ବାଚନ କମିଶନଙ୍କ ନିକଟରେ  ସବିଶେଷ ତଥ୍ୟ ରଖାଯାଇଥିଲା ।

ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ ୦୫-୦୧-୨୦୨୪ ପର୍ଯ୍ୟନ୍ତ ଭୋଟର ତାଲିକାରେ ସର୍ବମୋଟ ୪,୫୭,୮୨୭ ଜଣ ପଞ୍ଜିକୃତ ଭିନ୍ନକ୍ଷମ ଭୋଟରଙ୍କ ନାମ ରହିଥିଲା । ବର୍ତ୍ତମାନ  ପର୍ଯ୍ୟନ୍ତ ଇ-ରୋଲ ରେ ୧୨ ପ୍ରତିଶତ ବୃଦ୍ଧି ହୋଇ ୫,୧୬,୩୩୦ ଜଣ ଭିନ୍ନକ୍ଷମ ଭୋଟରଙ୍କୁ ଚିହ୍ନଟ କରାଯାଇଛି । ଏହା ସହ ଅଧିକରୁ ଅଧିକ ସଂଖ୍ୟକ ଭିନ୍ନକ୍ଷମ ଭୋଟରଙ୍କୁ ଚିହ୍ନଟ କରି ଇ-ରୋଲରେ ଚିହ୍ନିତ କରିବା ପାଇଁ ସମସ୍ତ ଜିଲ୍ଲା ପ୍ରଶାସନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସକ୍ଷମ ମୋବାଇଲ ଆପ୍ଲିକେଶନରେ ଏହି ଚିହ୍ନଟ ପ୍ରକ୍ରିୟା କରାଯାଇ ପାରିବ । ଏହା ସହ ଭୋଟର ତାଲିକାରେ ଚିହ୍ନିତ ହୋଇଥିବା ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମତା ରହିଥିବା ଭୋଟର ନିଜେ ଘରୁ ମତଦାନ କରିବା ପାଇଁ ରିଟର୍ନିଙ୍ଗ ଅଫିସରଙ୍କଠାରେ ଆବେଦନ କରିପାରିବେ ।

ରାଜ୍ୟରେ ବର୍ତ୍ତମାନ ରହିଥିବା ୩୭୮୦୯ ବୁଥ ପାଇଁ ୩୯୯୯୯ ହୁଇଲ୍ ଚେୟାରର ବ୍ୟବସ୍ଥା କରାଯାଇଛି । ଏହା ମଧ୍ୟରୁ ବର୍ତ୍ତମାନ ଯାଏଁ ୧୪୦୫୪ ଟି ହୁଇଲ ଚେୟାର ଜିଲ୍ଲା ସ୍ତରକୁ ପଠାଯାଇ ସାରିଛି ଓ ବାକି ସମସ୍ତ ହୁଇଲ ଚେୟାର ମାର୍ଚ୍ଚ ୩୦ ସୁଦ୍ଧା ପଠାଇ ଦିଆଯିବ । ସମସ୍ତ ବୁଥରେ ବିନା ଅସୁବିଧାରେ ହୁଇଲ ଚେୟାର ଯାତାୟାତ କରିବା ପାଇଁ ରେଲିଙ୍ଗର ବ୍ୟବସ୍ଥା ମଧ ରହିବ । ଭିନ୍ନକ୍ଷମ ଓ ବରିଷ୍ଠ (୮୫ ବର୍ଷରୁ ଊର୍ଦ୍ଧ୍ୱ) ଭୋଟରଙ୍କ ବିଭିନ୍ନ ଅଭିଯୋଗର ସମାଧାନ ପାଇଁ ଜିଲ୍ଲା ସ୍ତରରେ ଏକ ହେଲ୍‌ପଲାଇନ ମଧ କାର୍ଯ୍ୟ କରିବ ।  ଭିନ୍ନକ୍ଷମ ଓ ବରିଷ୍ଠ (୮୫ ବର୍ଷରୁ ଊର୍ଦ୍ଧ୍ୱ) ଭୋଟରମାନେ ମତଦାନ କେନ୍ଦ୍ରକୁ ଆସିବାରେ ଯେମିତି କୌଣସି ବାଧା ନ ଉପୁଜିବ ସେଥିପ୍ରତି ସମସ୍ତ ବ୍ୟବସ୍ଥା କରିବାକୁ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

## ବରିଷ୍ଠ ପୋଲିସ୍ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା ପ୍ରଶିକ୍ଷଣ

ରାଜ୍ୟରେ ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନା ପାଇଁ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ୍ ଏକାଡେମିଠାରେ ଜିଲ୍ଲା ସ୍ତରର ବରିଷ୍ଠ ପୋଲିସ୍ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ୍ ଏକାଡେମି ଓ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରରେ ଆସନ୍ତା ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪କୁ ମୁକ୍ତ ଓ ଅବାଧ ରୂପେ ପରିଚାଳନା କରିବା ପାଇଁ ଜିଲ୍ଲା ସ୍ତରର ବରିଷ୍ଠ ପୋଲିସ୍ ଅଧିକାରୀମାନଙ୍କୁ ନିର୍ବାଚନ ପରିଚାଳନାର ବିଭିନ୍ନ ଦିଗ ବିଷୟରେ ତାଲିମ ଦିଆଯାଇଥିଲା ।

ବିନାୟକ ମିଶ୍ର
ଲୋକସମ୍ପର୍କ ଅଧିକାରୀ